# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 22 June – 2026

*********************************

## ମୁଖ୍ୟ ସମ୍ବାଦ

- ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି

– ତିରୁଭଲ୍ଲୁରରେ ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି ରାଜ୍ୟ ସରକାରଙ୍କ ୩ ବରିଷ୍ଠ ଅଧିକାରୀ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ମୌସୁମୀ ପ୍ରସ୍ତୁତି ନେଇ ଅପରାହ୍ନରେ ହେବ ବୈଠକ

- ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ଅଭିଯୋଗ ନେଇ ଆଗତ ଆବେଦନକୁ ଖାରଜ କଲେ ବିଧାନସଭା ବାଚସ୍ପତି

- 'ଆମ ଭିତରେ ଜଙ୍ଗଲ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ବର୍ଷାବଣ ଦିବସ

ଏବଂ

- ବଙ୍ଗୋପସାଗରରେ ଆସନ୍ତା ୧୫ ଦିନ ମଧ୍ୟରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା; ମତ୍ସ୍ୟଜୀବୀଙ୍କୁ ଆସନ୍ତାକାଲି ପର୍ଯ୍ୟନ୍ତ ସମୁଦ୍ରକୁ ନଯିବାକୁ ପରାମର୍ଶ

# ଆମୋନିଆ ଗ୍ୟାସ୍ ଲିକ୍-ମୁଖ୍ୟମନ୍ତ୍ରୀ

ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଥିବା ନେଇ ଶ୍ରମ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କହିଛନ୍ତି। ଦୁର୍ଘଟଣାରେ ୭୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ମୃତ ଶ୍ରମିକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

ରାଜ୍ୟ ସରକାରଙ୍କ ତିନି ଜଣ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଁଞ୍ଚି ତଥ୍ୟ ସଂଗ୍ରହ କରୁଛନ୍ତି। ତାମିଲନାଡୁର ପ୍ରଶାସନ ସହ ସମନ୍ୱୟ ମାଧ୍ୟମରେ ଘଟଣାରେ ପ୍ରଭାବିତ ଓଡ଼ିଆ ଶ୍ରମିକଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଘଟରାଗ୍ରସ୍ତ ଶ୍ରମିକଙ୍କ ସହାୟତା ପାଇଁ ଓଡ଼ିଶା ସରକାର ତାମିଲନାଡୁ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ସି. ଯୋଶେଫ ବିଜୟଙ୍କ ନିର୍ଦ୍ଦେଶକ୍ରମେ ଏକ ତିନିଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ଏଥିରେ ଶିଳ୍ପ ସୁରକ୍ଷା ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ପ୍ରଦୂଷଣ

ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ରହିଛନ୍ତି। ଆମୋନିଆ ଗ୍ୟାସ୍ ଲିକ୍‌ର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ଅନ୍ତରୀଣ ରିପୋର୍ଟ ଏବଂ ତିନିଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ କୁହାଯାଇଛି।

HS

## ପ୍ରାକ୍ ମୌସୁମୀ ବୈଠକ

ପ୍ରାକ୍ ମୌସୁମୀ ପ୍ରସ୍ତୁତି ନେଇ ଆଜି ଅପରାହ୍ଣରେ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ, ସାଂସଦ ଓ ବିଧାୟକମାନେ ବୈଠକରେ ଉପସ୍ଥିତ ରହି ବାର୍ଷିକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବେ। ପରେ ଜିଲ୍ଲାସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ପୂର୍ବରୁ ଜଳସମ୍ପଦ ବିଭାଗର ସହଯୋଗରେ ଜଳ ସଂରକ୍ଷଣ ସମ୍ପର୍କିତ ଆଲୋଚନା ଶେଷ ହୋଇଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

Desk

## କ୍ରସ ଭୋଟିଂ

ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ଅଭିଯୋଗ ନେଇ ସମ୍ପୃକ୍ତ ବିଧାୟକଙ୍କ ବିରୁଦ୍ଧରେ ଆଗତ ଆବେଦନକୁ ବାଚସ୍ପତି ସୁରମା ପାଢ଼ି ଖାରଜ କରି ଦେଇଛନ୍ତି। ଗତ ମାର୍ଚ୍ଚ ମାସରେ ହୋଇଥିବା ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ଏବଂ କଂଗ୍ରେସ ପକ୍ଷରୁ କ୍ରସ ଭୋଟିଂ ନେଇ ବାଚସ୍ପତିଙ୍କ ପାଖରେ ଆବେଦନ ପ୍ରକ୍ରିୟା ଦାଖଲ ହୋଇଥିଲା। ବାଚସ୍ପତି ଶ୍ରୀମତୀ ପାଢ଼ି କହିଛନ୍ତି, ଆବେଦନପତ୍ର ଗୁଡ଼ିକରେ ପ୍ରକ୍ରିୟାଗତ ତ୍ରୁଟି ଏବଂ ଦଳ ପରିବର୍ତ୍ତନ ବିରୋଧୀ ଆଇନ ଅନୁଯାୟୀ ଆବଶ୍ୟକ ପ୍ରମାଣର ଅଭାବ ରହିଛି। ଯେଉଁ ତଥ୍ୟ ଆଧାରରେ ଆବେଦନଗୁଡ଼ିକ ଦାଖଲ ହୋଇଥିଲା, ତାହାର କୌଣସି ପ୍ରମାଣ ଦାଖଲ କରାଯାଇନାହିଁ। ବିଜେଡି ପକ୍ଷରୁ ୮ ଜଣ ଏବଂ କଂଗ୍ରେସ ପକ୍ଷରୁ ୩ ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ନେଇ ଏହି ଆବେଦନପତ୍ର ଦାଖଲ ହୋଇଥିଲା।  ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ଯୋଗୁଁ ବିଜେଡି ଏବଂ କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରାଜିତ ହୋଇଥିଲେ।

Desk

## ଏନ୍‌ଟିଏ-ନିଟ୍ ପୁନଃ ପରୀକ୍ଷା

ନିଟ୍ ୟୁଜି-୨୦୨୬ ପୁନଃପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ସଂକ୍ରାନ୍ତ ସାମାଜିକ ଗଣମାଧ୍ୟମ ଟେଲିଗ୍ରାମରେ ପ୍ରସାରିତ ଖବରକୁ ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ. ଖଣ୍ଡନ କରିଛି। ପରୀକ୍ଷା ପୂର୍ବରୁ ଟେଲିଗ୍ରାମରେ ଏଭଳି ଖବର ପ୍ରସାରଣ କରାଯାଇଥିଲା। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏନ୍.ଟି.ଏ. କହିଛି, ବ୍ୟାପକ ସୁରକ୍ଷା ତଥା ସୁବ୍ୟବସ୍ଥିତ ପରିଚାଳନା ମାଧ୍ୟମରେ ସଫଳତାର ସହ ପୁନଃ ପରୀକ୍ଷା

ଅନୁଷ୍ଠିତ ହୋଇଛି । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଏବଂ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ମିଳିତ ଭାବେ ଏଭଳି ଖବର ପ୍ରସାରଣ କରିଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ପଦକ୍ଷେପ ଗ୍ରହଣ କରୁଥିବା ଏନ୍.ଟି.ଏ. କହିଛି । ପରୀକ୍ଷା ସମ୍ପର୍କିତ ତଥ୍ୟ– ଏନ୍.ଟି.ଏ. ୱେବସାଇଟ୍‌ରେ ଉପଲବ୍ଧ ରହିଛି ବୋଲି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଏନ୍.ଟି.ଏ ସୂଚନା ଦେଇଛି ।

Desk

# ବିଶ୍ୱ ବର୍ଷାବଣ ଦିବସ

ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦର ସୁରକ୍ଷା, ପୁନରୁଦ୍ଧାର ଏବଂ ଏଥିପ୍ରତି ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ବିଶ୍ୱ ବର୍ଷାବଣ ଦିବସ ପାଳନ କରାଯାଉଛି । ଜଙ୍ଗଲଗୁଡ଼ିକ ମଧ୍ୟରେ ସବୁଠାରୁ ଜୀବନ୍ତ ଏବଂ ଅତ୍ୟନ୍ତ ଉପାଦେୟ ବାସସ୍ଥଳୀ ଭାବେ ବର୍ଷାବଣକୁ ଗ୍ରହଣ କରାଯାଇଥାଏ । ଏହା ଏଭଳି ଏକ ସବୁଜ ବଳୟ’ ଯେଉଁଠାରେ ବର୍ଷସାରା ଅତ୍ୟଧିକ ବୃଷ୍ଟିପାତ ହୋଇଥାଏ । ଏହି ଜଙ୍ଗଲାଞ୍ଚଳଗୁଡ଼ିକ ବାୟୁମଣ୍ଡଳରୁ ବିପୁଳ ପରିମାଣର ଅଙ୍ଗାରକାମ୍ଳ ଶୋଷଣ କରି ପ୍ରଚୁର ଅମ୍ଳଜାନ ପରିତ୍ୟାଗ କରିଥାନ୍ତି । ତେଣୁ ବର୍ଷାବଣକୁ ପୃଥିବୀର ଫୁସ୍‌ଫୁସ୍ କୁହାଯାଏ । ଚଳିତ ବର୍ଷ ‘ଆମ ଭିତରେ ଜଙ୍ଗଲ’ ପ୍ରସଙ୍ଗ ଆଧାରରେ ଏହି ଦିବସ ପାଳନ କରାଯାଉଛି । ପରିବେଶ ସୁରକ୍ଷାରେ ବର୍ଷାବଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ବିଶିଷ୍ଟ ପରିବେଶବିତ୍ ଡକ୍ଟର ଚିତ୍ତ ରଞ୍ଜନ ମିଶ୍ର କହିଛନ୍ତି...

**- V/O –**

Desk

## ଆଇନୀଜୀବ ସହାୟତା ରାଶି ବୃଦ୍ଧି

ରାଜ୍ୟରେ କାର୍ଯ୍ୟରତ ଆଇନଜୀବୀଙ୍କ ସହାୟତା ପାଇଁ କାର୍ଯ୍ୟକାରୀ ହେଉଥିବା ରାଜ୍ୟ କଲ୍ୟାଣ ପାଣ୍ଠିରୁ ମିଳୁଥିବା ରାଶି ପରିମାଣକୁ ୪୦ ପ୍ରତିଶତ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବର୍ଦ୍ଧିତ ରାଶି ଆଧାରରେ ୫ ବର୍ଷ କିମ୍ବା ତା'ଠାରୁ କମ୍ ସମୟ ପାଇଁ କାର୍ଯ୍ୟ କରିଥିବା ଆଇନଜୀବୀଙ୍କ ପରଲୋକ କ୍ଷେତ୍ରରେ ନିକଟ ସମ୍ପର୍କୀୟଙ୍କୁ ୧ ଲକ୍ଷ ୫ ହଜାର ଟଙ୍କାର ସହାୟତା ରାଶି ମିଳିବ। ଏହା ପରେ ପ୍ରତ୍ୟେକ ବର୍ଷର ଅଭିଜ୍ଞତା ଆଧାରରେ ସହାୟତା ରାଶିର ପରିମାଣ ମଧ୍ୟ ବୃଦ୍ଧି ପାଇବ। ୩୦ ବର୍ଷ କାର୍ଯ୍ୟ କରିଥିବା ଆଇନଜୀବୀଙ୍କୁ ଅବସର କିମ୍ବା ପରଲୋକ କ୍ଷେତ୍ରରେ ସର୍ବାଧିକ ୬ ଲକ୍ଷ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନର ବ୍ୟବସ୍ଥା ରହିଛି। ୨୦୨୧ ମସିହାରେ ଏହି ସହାୟତା ରାଶିର ପରିମାଣକୁ ବୃଦ୍ଧି କରାଯାଇଥିଲା।

Desk

## ଭିଡ଼ ହିଂସା

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଘଟିଥିବା ଭିଡ଼ ହିଂସା ଅତ୍ୟନ୍ତ ଦୁଃଖଦ ବୋଲି ମହିଳା ବିରୋଧୀ ଅପରାଧ ଶାଖା ଅତିରିକ୍ତ ମହାନିର୍ଦ୍ଦେଶକ ଏସ୍.ସାଇନି କହିଛନ୍ତି। ଘଟଣାରେ ତଦନ୍ତ ଜିଲ୍ଲା ପୁଲିସ ଜାରି ରଖିଛି। ପୀଡ଼ିତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଦୋଷୀଙ୍କୁ ଦଣ୍ଡ ଏବଂ ଆଗାମୀ ଦିନରେ

ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଏ.ଡି.ଜି. ଏସ୍.ସାଇନି କହିଛନ୍ତି।

**- V/O -**

ସୂଚନାଯୋଗ୍ୟ, ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି। ଏସ୍.ସାଇନିଙ୍କ ନେତୃତ୍ୱରେ ଏକ ଦଳ ରାୟଗଡ଼ା ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଆବଶ୍ୟକ ପଡ଼ିଲେ ଏହି ଦଳ ଦିଲ୍ଲୀ ଯାଇ ତଦନ୍ତ କରିବ। ପୂର୍ବରୁ ଭିଡ଼ ହିଂସାର ଶିକାର ହୋଇଥିବା ଯୁବକ ଯୁବତୀଙ୍କ ବୟାନ ରେକର୍ଡ ସରିଥିବା ବେଳେ ଏ ପର୍ଯ୍ୟନ୍ତ ଏହି ମାମଲାରେ  ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡ଼ିଛି।

Puri

# ରଥଯାତ୍ରା ବୈଠକ

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଆସନ୍ତାକାଲି ପୁରୀ ଟାଉନହଲ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟା ସମୟରେ ଦ୍ୱିତୀୟ ସମନ୍ୱୟ ବୈଠକ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ବୈଠକରେ ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଆଲୋକୀକରଣ, ରାସ୍ତାଘାଟ ମରାମତି, ପାନୀୟ ଜଳ ଯୋଗାଣ, ଗମନଗମନ ସୁବିଧା, ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ଆଲୋଚନା କରାଯିବ। ରଥଯାତ୍ରା ପୂର୍ବରୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର କାର୍ଯ୍ୟ ଅଗ୍ରଗତି ନେଇ ଆଇନମନ୍ତ୍ରୀ ସମୀକ୍ଷା କରିବେ। ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ ଓ ବୁଦ୍ଧିଜୀବୀମାନେ ଏଥିରେ ଉପସ୍ଥିତ ରହିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Koraput

## ମାଓ ସାମଗ୍ରୀ  ଜବତ

କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବଦଲି ପାହାଡ଼ ନିକଟରୁ ବିଭିନ୍ନ ମାଓ ସାମଗ୍ରୀ ଜବତ କରାଯାଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନା ଆଧାରରେ ଏହି ସାମଗ୍ରୀଗୁଡ଼ିକୁ ଜବତ କରାଯାଇଛି ବୋଲି ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା କହିଛନ୍ତି । ଜବତ ସାମଗ୍ରୀ ମଧ୍ୟରେ ବନ୍ଧୁକ, କ୍ଲମର ମାଇନ୍, ଟିଫିନ ବୋମା, ମାଓ ପୁସ୍ତିକା ଆଦି ରହିଛି ।

BDK

## ନବସୃଜନ ଦକ୍ଷତା କେନ୍ଦ୍ର

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଡିଜିଟାଲ ଶିକ୍ଷାର ପ୍ରସାର ନେଇ ଭଦ୍ରକ ଜିଲ୍ଲାରେ କୃତ୍ରିମ ବୁଦ୍ଧିମତା ଏବଂ ନବସୃଜନ ଦକ୍ଷତା କେନ୍ଦ୍ରର ଶୁଭାରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

BDK

## ଓଡ଼ିଶା ସାରା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ 'ବିକାଶଧାରା, ଓଡ଼ିଶା ସାରା' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

Desk

# ପାଣିପାଗ

ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୧୫ ଦିନ ମଧ୍ୟରେ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ଆଜି ବଲାଙ୍ଗୀର ଓ ସୁନ୍ଦରଗଡ଼ ମଧ୍ୟ ଦେଇ ଅଗ୍ରସର ହେଉଛି। ଆଗାମୀ ଦିନରେ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ଆସନ୍ତାକାଲି ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।